

TELUGU TO ODIA TRANSLATION STORY

ଆଗ୍ରାର ଟାଙ୍ଗା ବାଲା

ମୂଳ ତେଲୁଗୁ: ଭେମ୍ପଲୀ ଗଙ୍ଗାଧର
ଓଡ଼ିଆ ଅନୁସୃଜନ: ଅଞ୍ଜଳି ଦାଶ

DR VEMPALLI GANGADHAR

ତେ ଲୁ ଗୁ

ଭେମ୍‌ପଲୀ ଗଙ୍ଗାଧର

(୧୯୭୭)

ତେଲୁଗୁ

ଭେମପଲୀ ଗଙ୍ଗାଧର ୧୯୭୭ରେ ଆନ୍ଧ୍ରପ୍ରଦେଶର କଡ଼ପାଠାରେ ଜନ୍ମ। ତେଲୁଗୁରେ ଏମ୍‌ଏ, ଏମ୍‌ଫିଲ୍, ପିଏଚ୍‌ଡି ଡିଗ୍ରୀ ପ୍ରାପ୍ତ। ଇଂରାଜୀ ଭାଷାରେ ତାଙ୍କର ଦକ୍ଷତା ରହିଛି। କିଛି ବର୍ଷ ପାଇଁ ଶିକ୍ଷା ବିଭାଗରେ ତେଲୁଗୁ ଶିକ୍ଷା ସହାୟକ ଏବଂ ପୁଲିସ ବିଭାଗରେ ଜନସଂପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ସଂପ୍ରତି ଅଧ୍ୟାପନା କରୁଛନ୍ତି। ତାଙ୍କର ଉଲ୍ଲେଖନୀୟ କୃତି ମଧ୍ୟରେ କଥାନମ୍ ପ୍ରବନ୍ଧ ସଂଗ୍ରହ, ମୋଲୋକଲାପୁନ୍ନାମୀ, ଦେବରାସିଲା (ଗପ ସଂଗ୍ରହ), ନିଲା ଧିଗିନା ବାନା (ଉପନ୍ୟାସ) ଆଦି ଅନ୍ୟତମ। ତେଲୁଗୁ କଥା ରାଷ୍ଟ୍ରୀୟ ସମ୍ମାନ, ଏଟିଏଚ୍ କଥା ସମ୍ମାନ, ତେଲୁଗ୍ ପତ୍ରିକା କଥା ସମ୍ମାନ, ଆରଏଚ୍ କୃଷ୍ଣମୂର୍ତ୍ତି ଫାଉଣ୍ଡେସନ ସମ୍ମାନ, ବିଏସ୍ ରାମୁଲ କଥା ପୁରସ୍କାରମ୍ ଆଦିରେ ସେ ସମ୍ମାନିତ। ପୁରସ୍କୃତ କୃତି 'ମୋଲୋକଲାପୁନ୍ନାମୀ' ଭୀମପାଲି ଗଙ୍ଗାଧରଙ୍କର ତେଲୁଗୁ ଗପ ସଂକଳନ। ଏଥିରେ ସାଂପ୍ରତିକ ସମାଜର ଚିତ୍ର ରହିଛି। ଯାହାକି ଖୁବ୍ ବାସ୍ତବବାଦୀ ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ଅଟେ। ତାଙ୍କର ଲେଖନଶୈଳୀ କଳାତ୍ମକ ଏବଂ ସ୍ୱତନ୍ତ୍ର। ଗପରେ ଆଧୁନିକ ଟେକ୍‌ନିକ୍ ପ୍ରୟୋଗ କରିବା ତାଙ୍କୁ ଜଣା।

ଜଣେ ଲେଖକର ଇତିହାସ ଗଢ଼ିବାର ଓ ବଦଳାଇବାର ସାମର୍ଥ୍ୟ ଅଛି : ଭେମ୍‌ପଲୀ ଗଙ୍ଗାଧର

୧. ଏହା ଏକ ଅସାଧାରଣ ମୁହୂର୍ତ୍ତ । ମୋ ପରିଶ୍ରମର ଫଳ ପାଇଛି । ଏହା ତେଲୁଗୁ ଗପ କୃତି ସମ୍ମାନ ଓ ଯୁବ ଲେଖକଙ୍କୁ ସ୍ୱୀକୃତି । ଏହା ଦାୟିତ୍ୱବୋଧ ଆଣିବା ସହ ଯୁବ ଲେଖକଙ୍କୁ ପ୍ରୋତ୍ସାହିତ କରିବ । ସମାଜପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବ । ମୁଁ ମୋର ପ୍ରଥମ ଗଳ୍ପ ସଂକଳନ 'ମୋଲାକାଲାପୂନ୍ନମୀ' ପାଇଁ ଏହି ପୁରସ୍କାର ପାଇଛି । ଏହା ରୟାଲସୀମା ଅଞ୍ଚଳର ଅତୀତର ଗୋଷ୍ଠୀ କନ୍ଦଳ, ମରୁଡ଼ି ଓ ଦୁର୍ଦ୍ଦଶାସମୂହକୁ ନେଇ ଲିଖିତ ।

୨. ପିଲାଟିଦିନରୁ ତେଲୁଗୁ ସାହିତ୍ୟ ପ୍ରତି ମୋର ରୁଚି ଥିଲା । ମୁଁ ସ୍କୁଲରେ ପଢ଼ିଲା ବେଳେ କ୍ଷୁଦ୍ର ପ୍ରବନ୍ଧ ଲେଖୁଥିଲି ଏବଂ ଖବରକାଗଜରେ ମୋର ରିପୋର୍ଟମାନ ପ୍ରକାଶ ପାଉଥିଲା । ଥରେ ଖବରକାଗଜରେ ମୋର ଏକ ଗଳ୍ପ ପ୍ରକାଶ ପାଇବା ପରେ ଖବର କାଗଜର ସଂପାଦକ ଉମା ମହେଶ୍ୱର ରାଓଙ୍କ ପ୍ରୋତ୍ସାହନରେ ଗପ ଲେଖା ଆରମ୍ଭ କଲି ।

୩. ରୟାଲସୀମାର ସାମାଜିକ, ରାଜନୈତିକ ଓ ଆର୍ଥିକ ଅବସ୍ଥା ହିଁ ମୋତେ ଲେଖିବାକୁ ପ୍ରେରଣା ଯୋଗାଇଥିଲା । ଏଠାକାର ଅଧୀବାସୀମାନଙ୍କର ଜୀବନଯାପନ ଶୈଳୀ ମୋତେ ଆକର୍ଷିତ କରିଥିଲା । ଏଠାକାର ଗୋଷ୍ଠୀ କନ୍ଦଳ ଓ ମରୁଡ଼ି ବ୍ୟତୀତ ଲୋକଙ୍କର ବୃତ୍ତି ସଂପର୍କରେ ବି ମୋ ଲେଖାରେ ଲେଖିଛି ।

୪. ମୋର ପ୍ରଥମ ପ୍ରବନ୍ଧ ସଂକଳନ କଥାନାମ୍ । ଏହା ୨୦୦୩ରେ ପ୍ରକାଶିତ ହୋଇଥିଲା । ଏଥିରେ ଗଲ୍‌ଫ ଯୁଗର କ୍ଷତାକ୍ତ ଇତିହାସ, ଅରୁନ୍ଧତୀ ରାୟଙ୍କ ସହ ସାକ୍ଷାତକାର ଇତ୍ୟାଦି ସମ୍ବନ୍ଧରେ ପ୍ରବନ୍ଧ ଅଛି । ମୋର ଖବର କାଗଜରେ ଯେଉଁ ସବୁ ରିପୋର୍ଟ ପ୍ରକାଶ ପାଇଥିଲା ସେସବୁ ଏହି ସଂକଳନରେ ସ୍ଥାନ ପାଇଛି ।

୫. ବିଷୟବସ୍ତୁ । ବିଷୟବସ୍ତୁ ହିଁ ଗପଟିକୁ ଗତିଶୀଳ କରିଥାଏ । ମୁଁ ନିଜସ୍ୱ ଶୈଳୀରେ ଗପ ଲେଖେ । ଏହା ମୋ ଲେଖାରେ ଅତି ପ୍ରାଞ୍ଜଳଭାବେ ଦିଶିଥାଏ ।

୬. ଜଗତୀକରଣର ମନ୍ଦ ପ୍ରଭାବ ସଂପର୍କରେ ମୁଁ ଭାବେ । ଏହା ଗ୍ରାମୀଣ ଜୀବନ ଓ ବୃତ୍ତିକୁ ପ୍ରଭାବିତ କରେ ।

୭. ମୁଁ ଗ୍ରାମୀଣ ପରିବେଶକୁ ନେଇ ଲେଖିବାକୁ ପସନ୍ଦ କରେ ଏବଂ ସେମାନଙ୍କ ଯାଯାବର ଜୀବନଶୈଳୀକୁ ନେଇ ଲେଖେ ଯାହାକୁ କି ଅନ୍ୟ ଲେଖକମାନେ ସାଧାରଣତଃ ଅଣଦେଖା କରିଥାନ୍ତି ବା ଯାହା ତାଙ୍କ ଲେଖାରୁ ବାଦ୍ ପଡ଼ିଯାଇଥାଏ ।

୮. ଲେଖକ ସମାଜର ମୁଖ୍ୟ ସ୍ତମ୍ଭ । ଜଣେ ଲେଖକ ସମୟଠାରୁ ଉର୍ଦ୍ଧ୍ୱରେ ଏବଂ ସମାଜ ଗଠନରେ ଭିତ୍ତିପ୍ରସ୍ତର ଭଳି କାମ କରେ । ମୋର ବିଶ୍ୱାସ ଜଣେ ଲେଖକର ଇତିହାସ ଗଢ଼ିବାର ଓ ବଦଳାଇବାର ସାମର୍ଥ୍ୟ ଅଛି ।

୯. ମୋର ସମକାଳୀନ ଲେଖକ ବନ୍ଧୁ ଯଦିଓ ପରସ୍ପରଠାରୁ ଭିନ୍ନ ଭାବରେ ଲେଖୁଛନ୍ତି ସମସ୍ତଙ୍କର ଲକ୍ଷ୍ୟ ଏକ । ସମାଜର ଆବଶ୍ୟକତାକୁ ଆଖି ଆଗରେ ରଖି ଲେଖୁଛନ୍ତି । ମୁଁ ଥିମ୍, ଭାବ ଓ କନ୍‌ଭରସେସନ୍‌ରେ ନିଜର ସ୍ଥାନ ତେଲୁଗୁ ସାହିତ୍ୟରେ ସୁରକ୍ଷିତ ରଖି ପାରିଛି । ମୋର ସ୍ୱତନ୍ତ୍ର ପରିଚୟ ଅଛି ।

୧୦. ନୂଆପଣ /ନୂତନତ୍ୱ ନଥିଲେ ମୁଁ ଗପ ଲେଖିପାରେ ନାହିଁ । ଥରେ ଗୋଟିଏ ଗପ ଲେଖିବାର ଏକ ବର୍ଷ ପର୍ଯ୍ୟନ୍ତ ମୁଁ ଆଉ କୌଣସି ଗପ ଲେଖିନଥିଲି । ତେଣୁ ଯେପର୍ଯ୍ୟନ୍ତ ମୁଁ ଗପରେ କିଛି ନୂତନତ୍ୱର ସନ୍ଧାନ ନ ପାଇଛି ଗପ ଲେଖିପାରେ ନାହିଁ । ଗପ ଲେଖିବାକୁ ଖୁବ୍ ପଢ଼େ, ବିଭିନ୍ନ ସ୍ଥାନକୁ ଯାଏ, ବିଭିନ୍ନ ପ୍ରକାର ଲୋକଙ୍କ ସହ ମିଶେ । ସେହିମାନଙ୍କ ସମ୍ବନ୍ଧରେ ମୁଁ ଲେଖେ, ଯାହା ଉପରେ ଏଯାବତ୍ କିଛି ଲେଖା ହୋଇନାହିଁ ।

୧୧. ମୋର ବୃତ୍ତି ଶିକ୍ଷକତା । ଏହା ମୋତେ ନୂଆ ବହି ପଢ଼ିବାକୁ ପ୍ରେରିତ କରେ ଓ ମୋତେ ନୂଆ ଦୃଷ୍ଟିଭଙ୍ଗୀ ଦିଏ ।

୧୨. ମୁଁ ସାହିତ୍ୟ ବ୍ୟତୀତ ସମାଜର ବିଭିନ୍ନ ସମସ୍ୟା ପ୍ରତି ଆଗ୍ରହୀ । ରୟାଲସୀମା ଆଦିର ଗୋଷ୍ଠୀ କନ୍ଦଳ ଉପରେ ଏକ ପୁସ୍ତକ 'ହିରଣ୍ୟରାଜମ୍' ପ୍ରକାଶ ପାଇଛି । ମୁଁ ଇତିହାସ ଉପରେ ବି କାମ କରୁଛି । ବିଜୟନଗର ସାମ୍ରାଜ୍ୟ ଉପରେ ଗୋଟିଏ ବହି ଲେଖିବାରେ ନିୟୋଜିତ ଅଛି ।

***

ଗଳ୍ପ

ଆଗ୍ରାର ଟାଙ୍ଗା ବାଲା

ମୂଳ ତେଲୁଗୁ: ଭେମ୍‌ପଲୀ ଗଙ୍ଗାଧର
ଓଡ଼ିଆ ଅନୁସୃଜନ: ଅଞ୍ଜଳି ଦାଶ

ଆଜି ଭାରି ଶୀତ ପଡ଼ିଛି । ମୁଁ ଚାଦରଟିଏ ବାହାର କରି ନିଜକୁ ଆଉ ଟିକେ ଅଧିକ ଘୋଡ଼େଇ ଦେଇ, ରେଳର ପୋଲ ଉପରେ ଯିବା ସମୟର ଘର୍ଘର ନାଦ ଅନିଚ୍ଛା ସତ୍ତ୍ୱେ ଶୁଣିଥିଲି। ରେଳ ବଗି ଭିତରେ ଲୋକଙ୍କ ଚଳପ୍ରଚଳ ବଢ଼ିବା ଦେଖି ବୁଝି ପାରୁଥିଲି ଯେ ଅଳ୍ପ ସମୟ ମଧ୍ୟରେ ଟ୍ରେନ୍‌ଟି ଆଗ୍ରା ଷ୍ଟେସନ୍‌ରେ ପହଞ୍ଚିଯିବ । ମନ ଭିତରେ ଏକ ମଧୁର ଉତ୍ସୁକତା ବାହାର ଶୀତକୁ ଦୂରେଇବାର ଅସଫଳ ପ୍ରୟାସ କରୁଥାଏ। ଆଗ୍ରାର ତାଜମହଲ ଦର୍ଶନର ଉତ୍ସୁକତା ହିଁ ମନ ଭିତରେ ତାଜମହଲର ସୁଦୃଶ୍ୟ ଛବି ଆଙ୍କି ଦେଇଥାଏ ।

ମୁଁ ଝରକା କାଚ ଉଠେଇଲି। ପାହାନ୍ତା ସମୟର ଶୀତୁଆ ପବନ ମୋ ଦେହ ମନକୁ ଆଉଟିକେ ସତେଜ କରିଦେଇଥିଲା। ମୋ ଆଖି ଆଗରେ ପ୍ରକୃତିର ଅନେକ ଚିତ୍ରିତ ଛବି ନାଚି ଉଠୁଥିଲା ।

"ତୁ ଯାହା ଦେଖିବାକୁ ବ୍ୟଗ୍ର ତାହା ଦେଖାଯିବନି ଟ୍ରେନ୍‌ରୁ ।" ନିଜ କମ୍ବଳ ଚଉତେଇ କରି ବ୍ୟାଗ୍‌ରେ ରଖି କାନ୍ଧକୁ ଉଠଉ ଉଠଉ ଏ କଥା କହିଲା ରାମମୂର୍ତ୍ତି । ମୁଁ ବି ମୋ ବ୍ୟାଗ୍ ସଜାଡ଼ିବାରେ ଲାଗିଲି।

ରାମମୂର୍ତ୍ତି ପୁଣି ହସି ହସି ଦୋହରେଇଲା ଯେ ତାଜମହଲ ଦେଖିବା ପାଇଁ ଷ୍ଟେସନ୍‌ରେ ଓହ୍ଲେଇ ପାଞ୍ଚ କି.ମି. ଯିବାକୁ ପଡ଼େ। ରାମମୂର୍ତ୍ତି କଥା ଶୁଣୁ ଶୁଣୁ ଆଗ୍ରା ଭୂଖଣ୍ଡ ମୋ ଭିତରେ ଏକ ନୂଆ ଅନୁଭବ ଆଣିଦେଉଥାଏ । ରାମମୂର୍ତ୍ତି ମୋର ସହକର୍ମୀ ଓ ଜଣେ ସଂଯୋଜକ । ଆମେ ଦୁହେଁ ମିଶି ଦିଲ୍ଲୀ ଯାଉଥିଲୁ ପ୍ରୋଜେକ୍ଟ କାମରେ। ମୋର ଇଚ୍ଛା ଥିଲା ବାଟରେ ଆଗ୍ରାରେ ଓହ୍ଲେଇ ତାଜମହଲ ଦର୍ଶନ କରିବି। ଦିଲ୍ଲୀ ଯିବାପୂର୍ବରୁ । ରାମମୂର୍ତ୍ତି ପୂର୍ବରୁ ତାଜମହଲ ଦେଖି ସାରିଥିଲା। ଏବେ ମୋ ସହ ପୁଣି ଥରେ ତାଜମହଲ ଦେଖିବା ପାଇଁ ଆସିଛି ।

ଟ୍ରେନ୍ ଷ୍ଟେସନ୍‌ରେ ଅଟକି ସାରିଥିଲା। ଆଗ୍ରା କ୍ୟାଣ୍ଟନ୍‌ମେଣ୍ଟ ଷ୍ଟେସନ୍- ବୁଲା ବିକାଳୀଙ୍କର ବିଭିନ୍ନ ଶୈଳୀର ଡାକ, ଖାଦ୍ୟ ସାମଗ୍ରୀ ତଥା ଅନ୍ୟାନ୍ୟ ଆଇଟମ୍‌ର ବିକ୍ରୟ ପାଇଁ ଗ୍ରାହକଙ୍କୁ ଆକର୍ଷିତ କରିବାର ପ୍ରୟାସ ତଥା ଯାତ୍ରୀଙ୍କର ଯିବା ଆସିବା, ପ୍ଲାଟଫର୍ମରେ କୁଲିଙ୍କର ମୁଣ୍ଡରେ ବୋଝ ସହ ଚଞ୍ଚଳ ପଦପାତ, ଗାର୍ଡର ଏବଂ ଟ୍ରେନ୍‌ର ହ୍ୱିସିଲ୍, ଷ୍ଟେସନ୍‌ର ଟ୍ରେନ୍ ଚଳାଚଳର ଘୋଷଣାର ମିଳିତ ଶବ୍ଦସବୁ ପରିବେଶକୁ ଉତ୍ସବମୁଖର କରି ତୋଳୁଥିଲା । ଲାଗୁଥିଲା ସତେ ଯେମିତି ଆଗ୍ରାର ଅଗଣାକୁ ଓହ୍ଲାଇ ଆସିଛି ପାର୍ବଣ ।

ନିଜ ବ୍ୟାଗ୍‌ଟିମାନ କାନ୍ଧରେ ଝୁଲାଇ ଆମେ ଦୁହେଁ ଷ୍ଟେସନ୍ ବାହାରକୁ ଆସିଲୁ । କିଛି ବାଟ ଆଗେଇ ଯାଇ ଅଟକିଲୁ । ସେଠାରେ ଅପେକ୍ଷାରତ ଗାଡ଼ି ଡ୍ରାଇଭରମାନେ ଯାତ୍ରୀ ଦଳ ଦେଖିଲା ମାତ୍ରେ ଇ ଦୌଡ଼ିଆସୁଥିଲେ । ନିଜ ନିଜର କଥାକୁ ବିଭିନ୍ନ ବାଗରେ କହି ବୋଲି ଯାତ୍ରୀମାନଙ୍କୁ ତାଜମହଲ ଦେଖାଇ ଦି'ପଇସା ରୋଜଗାର କରିବା ଲକ୍ଷ୍ୟରେ ଦଳ ଦଳ ହେଇ ବୁଲୁଥିଲେ । ରାସ୍ତାର ଆରପଟେ ଧାଡ଼ିକି ଧାଡ଼ି ଟାକ୍ସି, ଟେମ୍ପୋ, ଅଟୋ, ଘୋଡ଼ାବାଲା ଟାଙ୍ଗା ଜମା ହେଇଥାନ୍ତି । ସେଇମାନଙ୍କ ଭିଡ଼କାଟି ଆମେ ଆଗେଇ ଚାଲିଲୁ । ବନ୍ଧୁ! ଗରମାଗରମ ଚା'ଟେ ମାରିବାକୁ ଖୁବ୍ ଇଚ୍ଛା ହଉଛି", କାନ୍ଧ ଉପରେ ଏୟାର ବ୍ୟାଗଟିକୁ ସଜାଡୁ ସଜାଡୁ ମୁଁ କହିଲି ।

"ଆଉ ଟିକେ ଆଗକୁ ଯିବା", ରାମମୂର୍ତ୍ତି କହିଲା । ଟୋକାଟେ ଆମ ପଛରେ ଗୋଡ଼ାଇଥାଏ । ଆମେ ତା' ଟାଙ୍ଗାରେ ଗଲେ ସେ ଆମକୁ ତାଜମହଲ ବୁଲେଇନେବ ବୋଲି କହୁଥାଏ । ଆମେ କାନ ଦେଲୁନି । ଚା' ଦୋକାନ ଆଡ଼େ ଆଗେଇଚାଲିଲୁ । କାଲୁଆ ପବନ ଦେହ ବିନ୍ଧି ପକାଉଥାଏ । ସ୍ୱଚ୍ଛ ବସ୍ତ୍ର ପରିହିତ ଗୋଟିଏ ବିଦେଶୀ ଯୋଡ଼ି ଆମ ସାଇଡ୍ ଦେଇ ସାଏଁ କିନା ସାଇକେଲ୍‌ରେ ଚାଲିଗଲେ ।

"ଭାରତ କଥା ଭାବିବା ମାତ୍ରେ ଅଧିକାଂଶ ବିଦେଶୀଙ୍କୁ ତାଜମହଲ ହିଁ ମନେ ପଡ଼ିଯାଉଥିବ, ନୁହେଁ ? ଭାରତ ଆସିଲେ, ତାଜମହଲ ଦର୍ଶନ ନକଲେ ତାଙ୍କ ଯାତ୍ରା ଅସମ୍ପୂର୍ଣ୍ଣ ରହିଯାଉଥିବ ନା ?" ଚା'ଗ୍ଲାସ୍‌ଟି ଉଠଉ ଉଠଉ କହିଲି।

"ହେ, ତମ ଗୋଟେ କଥା ଜାଣିଛ, ଘଣ୍ଟିକିଆ ବେସିସ୍‌ରେ ଏଠି ସାଇକେଲ ଭଡ଼ାରେ ମିଳେ। ଅଧିକାଂଶ ଲୋକ ଭଡ଼ା ସାଇକେଲ୍‌ରେ ଚାରିପଟେ ଏଠି ଘୂରାଘୂରି କରୁଥାନ୍ତି । ସେଇ ବିଦେଶୀ ଯୋଡ଼ି, ଏବେ ଯୋଉ ଗଲେ ମ, ସେମାନେ ବି ଭଡ଼ା ସାଇକେଲ୍‌ରେ ଘୂରୁଥାଇପାରନ୍ତି । ଗରମ ଚା' ସୁଡୁକୁ ସୁଡୁକୁ ରାମମୂର୍ତ୍ତି ଏ କଥା କହିଲା ।

"ଏ ବିଶ୍ୱ ବିଖ୍ୟାତ ସ୍ମାରକୀ ତାଜମହଲର ସୁରକ୍ଷା ଦୃଷ୍ଟିରୁ ସେମାନେ ଡିଜେଲ୍ କି ପେଟ୍ରୋଲ୍‌ରେ ଚାଲୁଥିବା ଗାଡ଼ି ଘୋଡ଼ା ଏ ପାଖକୁ ଛାଡୁନାହାନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନ ଯାଏଁ ହିଁ ସେମାନେ ଆସିପାରିବେ । ସେଠୁଁ, କଷ୍ଟରୁ ନିସ୍ତାର ନାହିଁ କାହାରି ବି । କିନ୍ତୁ ଟାଙ୍ଗା ଆଉ କିଛି ଆଗ ଯାଏଁ ଆସିପାରେ । ଟୁରିଷ୍ଟମାନଙ୍କୁ ତାଜମହଲ ପାଖାପାଖି ଯାଇ ଛାଡ଼ି ଦେଇ ଆସେ।"

"ବହୁତ ଭଲ କଥା, ତା'ହେଲେ।" ମୁଁ କହିଲି ।

ସେଇ ଟୋକା ଷ୍ଟେସନ୍‌ରୁ ହିଁ ଯିଏ ଆମ ପଛରେ ଲାଗିଛି, ପାଖରେ ଠିଆ ହେଇ ଆମ କଥାବାର୍ତ୍ତା କାନଡ଼େରି ଶୁଣୁଥିଲା ।

ସନ୍ଦେହରେ ମୁଁ ତାକୁ ଚାହିଁଲି ।

"ତୁ ଯାଆରେ ବାବୁ... ଯିବା ପାଇଁ ଆମର ଆଉରି ବି କିଛି ସମୟ ଲାଗିପାରେ। ତା' ଆଖିରେ ଆଖି ରଖି ରାମମୂର୍ତ୍ତି ତାକୁ ହିନ୍ଦୀରେ କହିଲା ଏ କଥା ।''

"ସାରୁ... ! ମୁଁ ବି ତେଲୁଗୁ, ସାରୁ...। ତେଲୁଗୁରେ କଥାବାର୍ତ୍ତା ହେବା ଶୁଣିବାପରଠୁଁ ମୁଁ ତମମାନଙ୍କ ପଛରେ ଗୋଡ଼େଇଚି ସାରୁ... । ମୋର ଟାଙ୍ଗାକୁ ଚାଲ, ସାରୁ... । ତମକୁ ପୂରା ତାଜ୍ ପାଖରେ ନେଇକି ଛାଡ଼ିଦେବି ।" ଟୋକାଟି ପରମ ଆଗ୍ରହ ସହକାରେ କହିଲା ।

ଆଗ୍ରାରେ ଗୋଟେ ତେଲୁଗୁ ପିଲା! ଆଶ୍ଚର୍ଯ୍ୟ!

"ଯୁଆଡ଼େ ବି, ଯାଅ ଏ ପୃଥିବୀରେ, ଜଣେ ହେଲେ ତେଲୁଗୁ ଆସି ତମକୁ ଭେଟିଯିବେ।" ହସି ହସି ରାମମୂର୍ତ୍ତି କହିଲା ।

"ତୋର ନାଁ କିସରେ, ବାବୁ" ? ମୁଁ ପଚାରିଲି ।

"ଇସମାଇଲି... ସାରୁ...," ବିନୀତ କଣ୍ଠରେ କହିଲା ସେ ।

"କୁ'ଠୁ ଆସିଚୁରେ, ବାବୁ ?" ପୁଣି ଏକ ପ୍ରଶ୍ନ ।

"ଗୁଥି', ଅନନ୍ତପୁରୁ ଜିଲ୍ଲା, ସା...ରୁ ।"

"ଏଠିକୁ କି'ନ୍ତି ଆସିଲୁ ଭାରି, ତୁ ?"

ନିରୁତ୍ତର । ତା' ମୁହଁଟି ଝାଉଁଳିଗଲା ।

ତାକୁ ଆଉ କିଛି ପଚାରିଲିନି । ଆଉ କପେ ଚା' ମଗେଇଲି । ତାକୁ ଯାଚିଲି । କିଛି ସମୟ ଯାଏଁ ଆଉ କୌଣସି କଥାବାର୍ତ୍ତା ନାଇଁ । ସେ ଚା'କପ୍‌ଟି ଉଠେଇ ଧରିଲା ।

ରାମମୂର୍ତ୍ତି ମତେ ଚାହିଁଲା । ଆଖିରେ ତା'ର ଏଇ ପ୍ରଶ୍ନ, "କେମିତି ଯିବା ?" "ଆମେ ଟାଙ୍ଗାରେ ଯିବା" । ଚା'ବାଲାର ପଇସା ତୁଟାଉତୁଟାଉ କହିଲି । ଟୋକାଟିର ଆଖିରେ ଚମକ୍ ଖେଳିଗଲା । ଚା'ତକ ଢକ ଢକ

କରି ପିଇ ପକାଇଲା ଆଉ ଝଙ୍କାଳିଆ ଗଛତଳେ ଥୁଆହୋଇଥିବା ତା'ର ଟାଙ୍ଗାଟି ଆଡ଼େ ଦୌଡ଼ିଗଲା ।

ମୁଁ ଟୋକାଟିକୁ ଦେଖୁଥିଲି । ଲମ୍ବା, ପତଳା, କୋଡ଼ିଏ ବର୍ଷ ବି ହବ କି ହବନି ତାକୁ । ମଇଳା, ଅପରିଚ୍ଛନ୍ନ କାମାପଟା । ଦୀର୍ଘ, ଅଯତ୍ନ କେଶଗୁଚ୍ଛ । ଛିଣ୍ଡା, ଫଟା ଯୋତା । ନିହାତି କ୍ଳାନ୍ତ ଦିଶୁଥିଲା । କୋରଡ଼ରେ ପଶିଯାଇଥିବା ଆଖି । ଲାଗୁଥିଲା ସେ ରୀତିମତ ନିଶା ସେବନ କରୁଥିଲା । ମଦ, ସିଗାରେଟ୍, ବିଡି କି ଆପୁ ।

ଟାଙ୍ଗା ଆମ ସାମ୍ନାରେ ଆସି ଠିଆହେଲା । ଆମେ ଭିତରକୁ ଗଲୁ । ଟାଙ୍ଗାଟି ଗଡ଼ିବାକୁ ଆରମ୍ଭ କଲା ଟକ୍... ଟକ୍... ଟକ୍... ଟକ୍... । ପିଚୁ ରାସ୍ତାରେ ଘୋଡ଼ା ନାଲର ଶବ୍ଦ ସ୍ପଷ୍ଟ ଶୁଣାଯାଉଥିଲା । ଟାଙ୍ଗାଟି ପୁରୁଣା ଓ ଜରାଜୀର୍ଣ୍ଣ ହେଇପଡ଼ିଥିଲା । କାଠପଟାଟି କୋଉ ମୁହୂର୍ତ୍ତରେ ଭାଙ୍ଗିଯାଇପାରେ । ପବନର ଗୋଟେ ଝଟ୍‌କାରେ ବି ଉଠିଯାଇପାରେ ଗାଡ଼ିର ଛାତ । ହାଡୁଆ ଘୋଡ଼ାଟି କ୍ଷୁଧାରେ ଆତୁର ଜଣାପଡୁଥିଲା । ଲାଗୁଥିଲା ଦୀର୍ଘ ସମୟ ଧରି ତା' ପେଟରେ ଦାନାଟେ ବି ପଡ଼ିନି । ଅଖରେ ତେଲ ପଡ଼ିନଥିବାରୁ କେଁ... କଟର ଶବ୍ଦ ଅତି କର୍କଶ ଶୁଭୁଥିଲା ।

"ଟାଙ୍ଗାଟି ଅତି ପୁରୁଣା ହେଇଗଲାଣି । ନୂଆଟେ କିଣି ଦେ' ବାବୁ! ଭଲ ବେପାର ଚାଲିବ ।" ଚଷମା ସଜାଡୁ ସଜାଡୁ ରାମମୂର୍ତ୍ତି ତାକୁ ଉପଦେଶ ଦେଲା । ସେ କିଛି କହିଲାନି ।

"ଏଟା ତୋର ନିଜର ଝାଟ୍‌କା କିରେ ବାବୁ ?" ସନ୍ଦେହ ପ୍ରକଟ କଲି ।

"ନାଇଁ, ସା...ରୁ, ମୋ ଆମ୍ମାର," ସେ ବତେଇଲା ।

"ତୋର ବାପା କିସ କରୁଚି ?"- ପୁଣି ଗୋଟେ ପ୍ରଶ୍ନ ।

"ଛଅ ମାସ ତଳେ ସେ ଆମକୁ ଛାଡ଼ି ସବୁଦିନ ପାଇଁ ଚାଲିଗଲେ ଆରପାରିକୁ ।" ବହୁତ କଷ୍ଟରେ ସେ ଏତକ କହିଲା ।

"ଗୁଥିରୁ ଏଠିକୁ ଏତେ ଦୂର କିସ ପାଇଁ ପଳେଇ ଆସିଲରେ ବାବୁ ?" ମୋ ଭିତରେ ଉତ୍ସୁକତା ପ୍ରବଳ ହେଉଥିଲା । ମରୁଡ଼ି, ଅନାବୃଷ୍ଟି ଗୋଟେ ପରେ ଗୋଟେ ଚାଲିଥିବ । ଦିନକୁ ଦିନ ବଢ଼ି ଉଠୁଥିବା ଗୋଷ୍ଠୀକନ୍ଦଳ ଗାଁର ସବୁଜ ହୃତପିଣ୍ଡକୁ ଖିନଭିନ କରି ପକାଉଥିବ, ଦାରିଦ୍ର୍ୟ ସାଙ୍ଗକୁ ଉତ୍କଟ ବେକାରୀ ଆଉରି ବି ଏମିତି କେତେକେତେ ସାମାଜିକ ବ୍ୟାଧିମାନ ମୋ ଆଖି ଆଗରେ ନାଚି ନାଚି ଗଲା ।

"କିସ ହେଲା... ଆମକୁ କହ, ଇସମାଇଲ," ରାମମୂର୍ତ୍ତି ତାକୁ ପଚାରିଲା । ସେ କିଛି ସମୟ ପାଇଁ ଦ୍ୱନ୍ଦ୍ୱରେ ପଡ଼ିଲା ।

"ସେ କିଛି ନୁଇଁ, ସା...ରୁ । ଆଗ୍ରାକୁ ଏଇ ଗଲାବର୍ଷ ହିଁ ଆସିଲି । ରେଲୱେ ପୁଲିସ ମତେ ଜେଲ୍ ପଠେଇଦେଲା । ବିନା ଟିକିଟ୍‌ରେ ଆଉଥିଲି ତ, ଧରା ପଡ଼ିଗଲି । ଜେଲରେ କେତେ ଦିନ ରହିଲି । ତା'ପରେ ମୋର ଦୟାରାମ ବୋଲି ଜଣେ ବୟସ୍କ ଲୋକ ସହ ଭାବଦୋସ୍ତି ଜମିଗଲା । ସିଏ ଟେସନରେ ଟାଙ୍ଗା ବାଉଁଥିଲା । ତା'ର ଦି'ପୁଅ ତାକୁ ଛାଡ଼ି ଦିଲ୍ଲୀରେ ଯାଇ ରହିଗଲେ । ଯାକୁ ଦୋଷ ଦଉଥିଲେ ଯେ, ଯେ ଆ ସମୟରେ ପରିବାରର ଦାୟ ଦାୟିତ୍ୱ ଠିକ୍‌ରେ ତୁଲେଇନି। ସେ ବୁଢ଼ା ବି ଜୀବନକାଳ ଭିତରେ ବେଶୀ କିଛି ସଞ୍ଚି ପାରିନଥିଲା ଏଇ ଟାଙ୍ଗାଟା ଆଉ ଗୋଟେ କୁଡ଼ିଆ ଖାଲି ଥିଲା ତାର ଆଦିଗଦାଲା ଝୁମ୍ପୁଡ଼ିରେ । ସବୁ ମୋଟ ଏତିକି କଥା ସା...ରୁ । ଏବେ ଦୟାରାମର ବୁଢ଼ୀ ସେ କୁଡ଼ିଆରେ ରହୁଛି। ସେ ବହୁତ ବୁଢ଼ୀ ହେଇଗଲାଣି । ଆହା! ବିଚାରୀ ବୁଢ଼ୀ! ବାଡ଼ି ଧରି ଚଲାବୁଲା କରୁଛି । ସେ ବହୁତ ଭଲ ବୁଢ଼ୀଟେ ସା...ରୁ! ମତେ ନିଜ ପୁଅ ଭଳିଆ ସ୍ନେହ କରେ । ସବୁଦିନେ ମୋ ପାଇଁ ଦି'ଟା ଫୁଟେଇଦଉଚି, ଭାଆରି ଭଲ ସ୍ତ୍ରୀ ଲୋକଟେ!" ତା'ର ବର୍ଣ୍ଣନା ଶେଷ ହେଲା ପରେ କିଛି ସମୟ ଚୁପ୍ ରହିଲା ।

କାଠ ସୁରେଇରୁ ପାଣି ବୋତଲଟେ ବାହାର କଲା ଏବଂ ତା'ର ଶୁଖିଲା ଠୋଟିକୁ ସେଥିରେ ଟିକେ ଭିଜେଇ ଦେଲା । ଆକାଶରେ ମେଘ ଢାଙ୍କି ଆସୁଥିଲା । ଭଳିକି ଭଳି ଗାଡ଼ି ନିତି-ଦୁନିଆର ଘଟଣା ଅଘଟଣ ବିଷୟରେ ବେଖବର, ରାସ୍ତାରେ ପ୍ରତିଯୋଗିତା କଲା ପ୍ରାୟ ଦୌଡୁଥିଲେ । ସମସ୍ତଙ୍କର ସେଇ ଗୋଟିଏ ଲକ୍ଷ୍ୟ- ତାଜମହଲ- ଧଳା ମାର୍ବଲରେ ଖୋଦିତ ସୌନ୍ଦର୍ଯ୍ୟ-ସ୍ମାରକୀ ।

"ହଁ, ତା'ପରେ କ'ଣ ହେଲା ?" ମୁଁ ପଚାରିଉଠିଲି ।

"ସା...ରୁ..., ସେ ଦୟାରାମ ବୁଢ଼ା ହିଁ ମତେ ବେଲରେ ଜେଲରୁ ମୁକୁଳେଇଲା । ଘରକୁ ନେଲା, ଖାଇବାକୁ ଦେଲା । ସେ ମତେ ଏ କଥା ବି କହିଲା ଯେ ସେ ମୋ ପାଇଁ ଘରକୁ ଯିବାକୁ ଟିକେଟ ବି କିଣି ଦେବ । ମୁଁ ହିଁ କହିଲି ଯେ ମୁଁ ଆଉ ଘରକୁ ଫେରିବିନି । ଆସ୍ତେ ଆସ୍ତେ ଟାଙ୍ଗା ଚଳେଇବା ଶିଖିଦେଲି । କିଛି ଦିନ ପରେ ମୁଁ ଘରକୁ ଫେରିବାକୁ ଚାହିଁଥିଲି । ହେଲେ, ଛାତିରେ ପବନ ଅଟକି ଯିବାରୁ ସେ ବୁଢ଼ା ଦିନେ ମରିଗଲା । ଏଇଠି ରହିଗଲି । ସେଇ ବୁଢ଼ାଟାର ଯତ୍ନ ନଉଛି...।''କଣ୍ଠରୁଦ୍ଧ ସ୍ୱରରେ ସେ ଏ କଥା କହିଲା ମତେ ।

ପାଗ ବଦଳି ଯାଇଥିଲା... କୋଉଠି... ଦୂରରେ ବର୍ଷା ବି ବର୍ଷିବାକୁ ଆରମ୍ଭ କରିଦେଇଥିଲା, ନୂଆ ମାଟିର ବାସ୍ନାରେ ପବନ ମହକି ଉଠୁଥିଲା ।

"ପିଲାଟି ସତ କହୁଛି ତ ?" ଗୋଟିଏ ଛୋଟିଆ ସନ୍ଦେହ ।

କିଛି ବାଟ ଯିବା ପରେ ଟାଙ୍ଗାଟି ଅଟକିଲା ।

"ସାରୁ... ଗଲାକାଲି ଶୁକ୍ରବାର ଥିଲା । 'ତାଜ୍' ବନ୍ଦ ଥିଲା, ଏଇଠି ଏଟା ଛୁଟି । କେହି ବି ଯାତ୍ରୀ ଆସିଲେନି । କାଲି ମୋର କିଛି ବି ରୋଜଗାର ହେଇନି ସାରୁ... ଦୟା କରି କିଛି ପଇସା ଦେଇଥାନ୍ତେ ଯଦି... ଆଗତୁରା, ବୁଢ଼ାଟାର ଦି'ପହର ଖିଆ ନାଗି କିଛି ହେଲେ କିଣିଦେଇଥା'ନ୍ତି । ମୋ ପାଇଁ ତ ସିଏ କିଛି ହେଲେ ଦି'ଟା ଫୁଟେଇ ଦେଇଥିବ... ।" ଇସମାଇଲ ବିକଳ ହେଲା ।

ରାମମୂର୍ତ୍ତି ତାକୁ ସନ୍ଦେହରେ ଚାହିଁଲା ।

କିଛି ମାନିନେବା ଢଙ୍ଗରେ ସେ ଫେର କହିବାକୁ ଲାଗିଲା...

"ସାରୁ... ମୁଁ ଏଇ ଗଛତଳେ ଟାଙ୍ଗାଟିକୁ ଠିଆ କରଉଛି । ଆପଣ ଆଜ୍ଞା ଦୟାକରି ଏଇଠି ଛିଡ଼ା ରହିଥାନ୍ତୁ । ମୁଁ ମୋ କୁଡ଼ିଆକୁ ହେଇ ଗଲି, ହେଇ ଆସିଲି।" ସେ ଅତି ବିକଳ ହେଲା ।

"ଗୁରୁ... ଏସବୁ ଝାମେଲାରେ କିଏ ପଶୁଛି ? ତା' ପିଛା ଛୁଟି ଆମର ଗଲା। ଚାଲ୍, ଆଉ ଗୋଟେ ଟାଙ୍ଗା ଭଡ଼ା କରିବା । ଏଇଠୁ ଯଥାଶୀଘ୍ର ପଳେଇ ଯିବା। 'ତାଜ୍' ଦେଖିବାକୁ ମନଟା ମୋର ଛଟପଟ ହେଲାଣି । ତମେ କ'ଣ କହୁଛ ?" ପବନକୁ ପରସ୍ତ ପରସ୍ତ ଧୂଆଁ ଛାଡ଼ି ରାମମୂର୍ତ୍ତି କହିଲା। ମୁଁ ଗୋଟେ ନିଷ୍ପତ୍ତି ନେଲି ।

"ଶୁଣ ବନ୍ଧୁ! ଦୟାକରି କିଛି ଖରାପ ଭାବନି । ତମେ ଆଉ ଟାଙ୍ଗା ଭଡ଼ା କରି 'ତାଜମହଲ' ଯାଅ । ମୁଁ ଏଥିରେ ଯାଉଛି । ଆମେ ତ ମିଶିବା ତାଜମହଲରେ ।" ମୁଁ କାକୁତି ଜଣେଇଲି ।

ବିରକ୍ତିରେ ରାମମୂର୍ତ୍ତି ତା ବ୍ୟାଗ ଉଠେଇ ଚାଲିଗଲା ।

ମୋ କଥା ତାକୁ ଭଲ ଲାଗିଲାନି ବୋଧେ । ଯେତେବେଳେ ମୁଁ କୌଣସି ଲୋକର କଥାରେ ଅଯଥାରେ ମୁଣ୍ଡ ପୂରେଇଲି ସେ ବିରକ୍ତ ହେଇଗଲା । ସିଗାରେଟ୍‌ଟି ରାଗରେ ବାହାରକୁ ଫୋପାଡ଼ିଦେଲା ।

ତାଜ୍ ଆଡ଼େ ଯାଉଥିବା ଟାଙ୍ଗାଟିକୁ ଇସମାଇଲ ହିଁ ଅଟକେଇଲା । ରାମମୂର୍ତ୍ତି ଭିତରକୁ ପଶିଲା ।

ଯାତ୍ରୀ ଭର୍ତ୍ତି ହେଇଥିବା ଦି'ଟା ବସ୍ ଆମ ଆଗ ଦେଇ ଧୂଆଁ ଉଡ଼େଇ ଚାଲିଗଲେ । କାନରେ ବାଜିଲା କର୍କଶ ସଙ୍ଗୀତର ସ୍ୱର ।

ମୁଁ ଟାଙ୍ଗାରେ ଉଠିଲି । ମୁଁ ତାକୁ କହିଲି ଯେ ମୁଁ ତା ସାଙ୍ଗେ ହିଁ ଯିବି ମଝିରାସ୍ତାରୁ ଟାଙ୍ଗାଟି ଗୋଟେ ବାଙ୍କଆଡ଼େ ମୁହେଁଇଲା । ଯମୁନା ନଦୀକୂଳରେ ଲମ୍ବିଯାଇଥିବା ଗୋଟେ ଝୁମ୍ପୁଡ଼ି ଆଡ଼େ ଟାଙ୍ଗାଟି ଗଡ଼ିଚାଲିଲା ମାଟି ରାସ୍ତାରେ ଠାକୁ ଠା ଖାଲଖମା, ନର୍ଦ୍ଦମାରୁ ଗନ୍ଧ ଆସୁଛି । ରୁମାଲ କାଢ଼ି ନାକରେ ଦେଲି । ପିଲାମାନେ ଯେଉଁମାନେ ସ୍କୁଲ କ'ଣ ଜାଣିନାହାନ୍ତି, କେବେ ଯାଇନାହାନ୍ତି

ସାହି ମଝିରେ ଗଣ୍ଡଗୋଳ କରୁଥାନ୍ତି । ସ୍ତ୍ରୀଲୋକମାନେ ଛାତି/ମୁଣ୍ଡରୁ ଲୁଗା ଖସେଇ ଗ୍ରାହକମାନଙ୍କୁ ଅପେକ୍ଷା କରିଥାନ୍ତି । ନଳକୂଅ ପାଖରେ ଗରା ମାଠିଆର ଲମ୍ବାଧାଡ଼ି । ହସପିଟାଲରେ ତାଲା ଝୁଲୁଥାଏ । ସାହି ମଣ୍ଡପ ଉପରେ କେତେଜଣ ତାସ୍ ବାଡ଼ଉଥାନ୍ତି ।

ଆଗ୍ରାରେ କ'ଣ ଦେଖିବି ଭାବିଥିଲି, ଦେଖୁଛି କଅଣ ?

କିଛି ବେଳ ପରେ ଟାଙ୍ଗାଟି ଯାଇ ଗୋଟେ କୁଡ଼ିଆ ଆଗରେ ରହିଲା । ଗୋଟେ ଦଉଡ଼ିଆ ଖଟ । ପଞ୍ଜରା ଗଣି ହେଇଥିବା ବୁଢ଼ୀଟେ ତା' ଉପରେ ଶୋଇଥାଏ । ପର୍ସରୁ କାଢ଼ି ଶହେ ଟଙ୍କିଆ ନୋଟ୍‌ଟେ ଇସମାଇଲ ହାତକୁ ବଢ଼େଇ ଦେଲି । ଧାଇଁ ଗଲା ପାଖ ଦୋକାନକୁ । ଗୋଟିଏ ଦିନ ପାଇଁ ଜରୁରୀ ସାମାନ କିଛି ଧରି ସାଙ୍ଗେ ସାଙ୍ଗେ ଫେରି ଆସିଲା । ବୁଢ଼ାଟି ଅତି ଜାଗ୍ରତରେ ତା' ହାତରୁ ନେଇ ଅଗଣାରେ ରଖିଲା ।

ଆର ସାହିକୁ ଏଥର ଯାଇ ସେଠୁ ନଡ଼ା ବିଡ଼ାଏ ନେଇ ଆସିଲା, ଘୋଡ଼ାକୁ ଦାନା ଦେଲା । ଭୋକରେ ସେ ପ୍ରବଳ ରଡ଼ି ଛାଡୁଥିଲା । ପାଖରେ ଥିବା କୁଣ୍ଡଟିରେ ଘୋଡ଼ା ପାଇଁ ପାଣି ଆଣି ଭର୍ତ୍ତି କଲା ।

କୁଡ଼ିଆ ବାହାରେ ଗୋଟେ ନିମଗଛ ମୂଳେ ବସି ମୁଁ ଏସବୁ କିଛି ଲକ୍ଷ୍ୟ କରୁଥାଏ । ସେଠୁ ବେଶୀ ଦୂରରେ ନୁହେଁ, ପ୍ରାୟ ପାଖରେ ହିଁ ଯମୁନା ନଦୀ କଳକଳ ହେଇ ବହିଯାଉଥାଏ ।

କିଛି ପିଲା କିଳିକିଳା ନାଦ କରି ନଦୀରେ ପହଁରୁଥାନ୍ତି । ଗାଧେଉଥାନ୍ତି । ଯମୁନାର ସେଇ ପାଣିରେ ଗାଈଗୋରୁମାନଙ୍କୁ ବି ଗାଧୋଉଥାନ୍ତି । ଲୁଗାପଟା ସଫା କରୁଥାନ୍ତି । ଆଶ୍ଚର୍ଯ୍ୟଜନକ ଭାବେ... ଦୂରରେ କୁହୁଡ଼ିର ନରମ ଆସ୍ତରଣ ଭେଦି ତାଜମହଲ ଦିଶୁଥାଏ । 'ତାଜ୍'- ବିଶ୍ୱବିଖ୍ୟାତ ସେଇ ମାର୍ବଲର ସ୍ମାରକୀ ! ଝଟକୁଥାଏ ଯେମିତି ! ---- 'ତାଜ୍'ର ପଛପଟଟା ହିଁ ଦିଶୁଥାଏ । ଏଟା ଗୋଟେ ଅଲଗା ଦିଗ । ଅସ୍ୱାଭାବିକ ମତେ ଲାଗିଲା ଯେମିତି ଆର ସାହିରେ କେହି ଜଣେ ମରିଯାଇଛି । ସେମାନେ ତା'ର କବର ନେଇ ଯାଉଥାନ୍ତି । ଯମୁନା ନଦୀ କୂଳରେ ସେଇଠି କୋଉଠି ତାକୁ କବର ଦେଇଦେବେ । କେହି ଜାଣିବେନି । କେହି ଦେଖିବେନି । ତା' ସ୍ମୃତିରେ ସେମାନେ କେବେ ବି ତୋଳିପାରିବେନି ମାର୍ବଲର ଏକ ଗମ୍ବୁଜ । କବରରେ ପଥରଟେ କି ଇଟାଖଣ୍ଡେ ରଖି ସେମାନେ ଫେରିଯିବେ ।

ଏମିତି ସବୁ ଚିନ୍ତାରେ ମୋ ଛାତି ଭାରି ହୋଇଉଠିଲା ।

ଯା ଭିତରେ ଇସମାଇଲ୍ ଆସିଯାଇଥିଲା । ସେ ମତେ ସେଇ ବୁଢ଼ୀଟି ପାଖକୁ ନେଇଗଲା । ଉର୍ଦ୍ଦୁରେ ମୋ ସହ ପରିଚୟ କରିଦେଇ କହିଲା, "ୟେ ସା...ରୁ... ମୋ ଗାଁଆଠୁ ଆସିଚନ୍ତି । ତମକୁ ଦେଖାଇବା ପାଇଁ ମୁଁ ତାଙ୍କୁ ଏଠିକୁ ଡାକି ଆଣିଛି ।" ସେ ବ୍ୟସ୍ତ ହେଇପଡ଼ିଲେ । ଡ଼ରିଗଲେ ପ୍ରାୟ ।

"ତା'ହେଲେ ତତେ ତୋ ଘରକୁ ଫେରେଇ ନେବା ପାଇଁ ସେ ଆସିଛନ୍ତି ନା ! ତାଙ୍କୁ କହିଦେ ଯେ ଏଇ ବୁଢ଼ୀ ତୋ ବିନା ମୁହୂର୍ତ୍ତେ ବଞ୍ଚିପାରିବନି । ମୁଁ ମଲାପରେ ଏ କୁଡ଼ିଆ ବିକିଦେ, ଟାଙ୍ଗା ବିକିଦେ ଆଉ ଫେରିଯାଆ । ଆଲ୍ଲା ତୋର ମଙ୍ଗଳ କରିବେ ।" ବେଦନାରେ ତା' କଣ୍ଠ ରୁଦ୍ଧି ହେଇଯାଉଥିଲା । ଖଣ୍ଡି ଖଣ୍ଡି ଉର୍ଦ୍ଦୁରେ ଗାଉଁଲି ଲୋକ କହିଲା ଭଳି ସେ କହୁଥିଲା ଏସବୁ କଥା ।

ମୁଁ ତାକୁ ଆଶ୍ୱାସନା ଦେଲି ଯେ, ସେମିତି କିଛି ଭୟ କରିବାର କାରଣ ନାଇଁ । କୁଡ଼ିଆ ବାହାରକୁ ଚାଲିଆସିଲି ।

ବର୍ଷା ପଡ଼ିଲା... ଟୁପୁରଟାପୁର ।

ସତେ ଯେମିତି ଆଶୀର୍ବାଦର ବାରିଧାରାରେ ଭିଜିଯାଇ ଆକାଶ ନୂଆରୂପ ପାଇଛି ।

ଏହା ମତେ ସ୍ନେହ-ସମ୍ପର୍କର କଥା ମନେ ପକାଇ ଦେଲା । ଅନତି ଦୂରରେ ଥାଇ ତାଜମହଲ ସମ୍ପର୍କରେ ଏ ସ୍ନେହିଳ ଗାଥାକୁ କାନପାତି ଶୁଣୁଥିଲା ଓ ଚୁପଚାପ ଦେଖୁଥିଲା ।

ଏବେ ମୋର ଆଉ ତାଜମହଲ ବୁଲି ଦେଖିବାର ବିନ୍ଦୁଏ ବି ଇଚ୍ଛା ନାଇଁ । ମୋ ଭିତରେ ଏମିତି ଏକ ଅନୁଭବ ହେଉଥିଲା ସତେ ଯେମିତି ତାଜମହଲଠୁଁ ଅନେକ ବେଶୀ ମହାନ୍ କିଛି ମୁଁ ଦେଖିସାରିଛି । ତାଜ୍ ଅପେକ୍ଷା ଅନେକ ଗୁଣରେ ଚିତ୍ତାକର୍ଷକ, ବିପୁଳ ଓ ମହତ୍ ସମ୍ଭାର କିଛି ମୁଁ ଅବଲୋକନ କରିପାରିଛି ।

ଏକ ଅପ୍ରକଟନୀୟ ପ୍ରଶାନ୍ତିରେ ମୋ ହୃଦସାଗର ଫୁଲି ଉଠୁଥିଲା ।

ଟାଙ୍ଗା ଭିତରକୁ ପଶିଗଲି । ବସିଲି । ଇସମାଇଲ୍ ଘୋଡ଼ା ଛୁଟେଇଲା । ଘୋଡ଼ାଟି ଦୌଡ଼ିବାକୁ ଲାଗିଲା ଉତ୍ତାଳ ଉତ୍ସାହରେ । ରେଳ ଷ୍ଟେସନକୁ ଟାଙ୍ଗା ଫେରେଇନେବା ପାଇଁ ମୁଁ ଇସମାଇଲକୁ କହିଲି । ସେ ବହୁବାର କାକୁତିମିନତି ହେଲା । ମତେ ଅନୁନୟ କଲା ଯେ ସେ ସାଙ୍ଗେ ସାଙ୍ଗେ ମତେ ତାଜମହଲରେ ପହଞ୍ଚେଇଦେବ । ମୋ ମନ ବୁଝିଲାନି । ନବୀନ ଆବେଗରେ ଦୌଡୁଥାଏ ଘୋଡ଼ା ।

"ତତେ ଗୋଟେ ଶେଷ ପ୍ରଶ୍ନ"...

"ଇସମାଇଲ୍, ଘରୁ କାହିଁକି ଲୁଚିକି ପଳେଇ ଆସିଲୁ ?" ମୁଁ ପଚାରିଲି । କୌଣସି ଜବାବ ନାହିଁ । ସମ୍ପୂର୍ଣ୍ଣ ନିରବତା । କିଛି ସମୟ ପରେ...

"ସା...ରୁ..., ଦଶମ ଶ୍ରେଣୀ ପରୀକ୍ଷାରେ ସବୁ ସବ୍‌ଜେକ୍ଟରେ ଫେଲ୍ ହେଲି । ରେଜଲ୍ଟ ବାହାରିବା ଦିନ ରାତିରେ ନିଶାରେ ଚୁର ହେଇ ବାପା ଘରକୁ ଆସିଲା । ଯା' ଛା' ତା ଗାଳିକଲା । ତେନ୍ତୁଳି ଛାଟରେ ପିଟିଦେଇ ଗଲା । ମୋ ମୁହଁରେ ଗାଦି ଗାଦି ଥୁଙ୍ଗିଲା । ଗଳଗ୍ରହ ହେଇ, ତା' ଛାତିରେ ବୋଝ ହେଲେ ଆଉ ଇମିତି ଚଳିବନି ବୋଲି କହିଲା । ଅଶ୍ରାବ୍ୟ ଗାଳିସବୁ କଲା । ବଡ଼ ହିନିମାନ ଲାଗୁଥାଏ ନିଜକୁ । ଶେଷରେ ଇମିତି ବି କହିଲା ଯେ ମୋ ମୁହଁକୁ ଯଦି ପଇସାକର ବି ଲାଜସରମ ଥିବ ନିଜେ ଖଟିକି ଖାଇବି । ଏତେ କଥା ଶୁଣିଲାପରେ ସେ ଘରେ ଆଉ ମୁହୂର୍ତ୍ତକ ପାଇଁ ବି ରହିବାକୁ ମନ ଡାକିଲାନି । ଗାଁରେ କାହାକୁ କିଛି ନକହି, କଣାପଇସାଟେ ବି ମୁଣାରେ ନଧରି, ବିନା ଟିକିଟରେ ଗୋଟେ ରେଳରେ ଚଢ଼ିଗଲି । ରେଣୁଗୁଣ୍ଡାରେ ପହଞ୍ଚିଲି । ସେଠୁ ଆସିଲି ଏଇ ଆଗ୍ରା । ଇମିତି ଇମିତି ଦିନ ଗଡ଼ିଯାଉଛି... । ଲୁହଭର୍ତ୍ତି ଆଖିରେ ଏସବୁ ବୁଝାଉଥିଲା ସିଏ । ବାହାରେ ବର୍ଷା କାଟୁଥାଏ । ମୁଁ ଗଭୀର ଅବସାଦରେ ଡୁବିଗଲି ।

"ମୋର ମିଶାରୁ ଗୁଟେ ଭଲ ଦିନ ଆସିବ, ସା...ରୁ... । ବହୁତ ଟଙ୍କା କମେଇବି । ତା' ପରେ ମୋର ଗାଁକୁ ଫେରିଯିବି ।" ସେ ଧକେଇ ଧକେଇ କାନ୍ଦି ଉଠିଲା ।

ଅବିରାମ ବର୍ଷାକୁ ଖାତିର ନକରି, ଦ୍ରୁତଗାମୀ ଗାଡ଼ି ଘୋଡ଼ାରେ ବସି ଯାତ୍ରୀମାନେ ଏପଟସେପଟ ହେଉଥାନ୍ତି । ସମସ୍ତେ ଦୌଡୁଥାନ୍ତି ସତେ ଯେମିତି । ସମସ୍ତଙ୍କର ସେଇ ଗୋଟିଏ ଲକ୍ଷ୍ୟ- ସେମାନେ 'ତାଜମହଲ' ଦେଖିବେ... 'ତାଜମହଲ' ଷ୍ଟେସନରେ ଓହ୍ଲେଇବା ମାତ୍ରେ ମୁଁ ଘୋଡ଼ା ପାଇଁ ଘାସ କିଣିଦେଲି । ଇସମାଇଲକୁ ଗୋଟେ ପାଖ ହୋଟେଲକୁ ନେଲି । ତା' ପିଠି ଥାପୁଡ଼େଇ ଦେଲି । ତା' ହାତରେ ଦୁଇଶ ଟଙ୍କା ଗୁଞ୍ଜିଦେଲି ।

ସେତେବେଳେ ଯାଏଁ ବି ତା'ର ଆଖି ଓଦାଓଦା ଦିଶୁଥାଏ ।

ସିଏ ମୋ ସହିତ ବହୁତ ସମୟ ଯାଏଁ ରହିଲା । ଅନବରତ କଥା କହୁଥିଲା । ପରେ ତାକୁ କିଛି ଯାତ୍ରୀଭଡ଼ା ମିଳିବାରୁ ଭରା ହୃଦୟରେ ମୋଠୁ ବିଦାୟ ନେଇ ଚାଲିଗଲା ।

ସନ୍ଧ୍ୟାରେ ରାମମୂର୍ତ୍ତି ଫେରିଲା । ତାଜମହଲର ଅନୁପମ ସୌନ୍ଦର୍ଯ୍ୟ ଅବଲୋକନ କରି ସେ ଏକାନ୍ତ ଖୁସି ।

ଫେରିଲା ବେଳେ ସେଠୁ ଆଗ୍ରାର ସୁପ୍ରସିଦ୍ଧ 'ପେଡ଼ା' କିଛି ବି କିଣିଥିଲି । "ଆମେ ସକାଳେ କଥା ହେଉଥିଲେ ଯେ, ବିଦେଶୀ ଟୁରିଷ୍ଟମାନେ ଭାରତ ବୁଲିଆସନ୍ତି କେବଳ ଆଗ୍ରାର ତାଜମହଲ ଦେଖିବା ପାଇଁ । ତୁମେ ଆଗ୍ରାରେ ଦେଖିଲ କ'ଣ ?" ମତେ ଚିଡ଼େଇବା ପାଇଁ ସେ ଏକଥା ପଚାରିଲା । "ମୁଁ... ଆଗ୍ରାରେ ପ୍ରକୃତ ଭାରତକୁ ଦେଖିଲି ।" ଦୃଢ଼ କଣ୍ଠରେ କହିଲି । ଅଦୂରରୁ ଶୁଣିପାରିଲି କଳା ପିଚୁରାସ୍ତାରେ ଘୋଡ଼ା ଟାପୁର ଟପ୍... ଟପ୍... ଶବ୍ଦ ।

***

ଅଙ୍କୁରା



ଶାରଦୀୟ ୨୦୧୨

Telugu story writer making literary waves

Dr Vempalli Gangadhar, a Telugu story writer of Kadapa district, Andhra Pradesh, India. finds place among 10 literary doyens such as Mahasweta Devi, Ashapurna Devi, Javed Akhtar and likes in the contemporary Indian literature section on `Indianetzone', an e-magazine on literature.

Gangadhar's book `Molakala Punnami', a collection of 13 short stories, delineates characters from rural background and is full of pathos of the deprivedand reflects the voices of those who depend on land and vagaries of nature.

It is a feather in Gangadhar's cap to figure among writers such as Mulk Raj Anand, K.M. Munshi, Jibananda Das, Buddhadev Bose and Dharamvir Bharati and Sunil Gangopadhyay on the site.

source; Indianetzone

Stories with a rural flavour

THIS INSPIRING collection of stories delineating its characters from a rural background, speaks in earthy tones through the voices of those who depend on land and the vagaries of nature giving either misery or bounty. The stories are full of pathos of the deprived, both economically and emotionally. They have a distinct quality, which separates them from the run-of-the mill stories.

The title story, is powerful with an unexpected ending. So also are stories such as 'Moodu Padunla Vaana', 'Poola Chetulu', 'Mynam Donnalu', 'Sreeman Doravaariki' which penetrate into the subtle realities beneath the superficial realities of life.

Dr Gangadhar's handling of the characters has a depth which will haunt the reader long after one has finished reading the stories. He sometimes comes across as a poet when he derives inspiration directly from nature, and within the framework of the story, spills his poetry in prose form.

Boodaraju Radhakrishna's essay explains the regional dialects and what 'ideolect' is. The production value and printing of the book is very good, but is priced very low — a truly commendable gesture by the author. A must read book.

- Ambika Ananth

  The Hindu Daily, 12 September 2006.

గ్రీష్మ భూమి
కథలు

Dr.Vempalli Gangadhar of Kadapa receiving sahitya Akademi Yuva Puraskar from Akademi president Sunil Gangopadhyay . (25th August 2012, Bhubaneswar (Odisha).

TELUGU TO ODIA TRANSLATION STORY

ଆଗ୍ରାର ଟାଙ୍ଗା ବାଲା

ମୂଳ ତେଲୁଗୁ: ଭେମ୍ପଲୀ ଗଙ୍ଗାଧର
ଓଡ଼ିଆ ଅନୁସୃଜନ: ଅଞ୍ଜଳି ଦାଶ

DR VEMPALLI GANGADHAR